Downloaded From : http://cbseportal.com/

**SET – 4**

**Series : HRK/C**

**Code No. 14**

**Roll No.** | | | | | | | |

Candidates must write the Code on the title page of the answer-book.

- Please check that this question paper contains **4** printed pages.
- Code number given on the right hand side of the question paper should be written on the title page of the answer-book by the candidate.
- Please check that this question paper contains **13** questions.
- **Please write down the Serial Number of the question before attempting it.**
- 15 minute time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the students will read the question paper only and will not write any answer on the answer-book during this period.

# SUMMATIVE ASSESSMENT - II
# ଓଡ଼ିଆ
# ODIA

*ସମୟ : **3** ଘଣ୍ଟା* | *ପୂର୍ଣ ସଂଖ୍ୟା : **90***

*Time allowed : **3** hours* | *Maximum Marks : **90***

ସୂଚନା ଃ ଏହି ପ୍ରଶ୍ନ ପତ୍ରରେ ଚାରୋଟି ବିଭାଗ ରହିଛେ ।

(କ) ପଠନ – Reading – 10

(ଖ) ଲିଖନ – Writing – 15

(ଗ) ବ୍ୟାକରଣ – Grammar – 15

(ଘ) ସାହିତ୍ୟ – Literature – 50

ଚିର୍ଦ୍ଦେଶାନୁଯାୟୀ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।

## ‘କ’ ବିଭାଗ

1. ନିମ୍ନ ଅନୁଚ୍ଛେଦଟି ପାଠକରି ପ୍ରଦତ୍ତ ପଶ୍ନଗୁଡ଼ିକର ଉତ୍ତର ଲେଖ । **5 × 2 = 10**

ଆମ ଦେଶରେ ପର୍ଯାଟନର ବିକାଶ ନିମନ୍ତେ ପ୍ରଭୂତକ ସୁବିଧା ସୁଯୋଗ ରହିଛି । ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଆମ ଦେଶ ପରିପୂର୍ଣ୍ଣ । ନଦନଦୀ, ପାହାଡପର୍ବତ, ବନାନୀ ଆଦିର ଶୋଭା ଅବର୍ଣ୍ଣନୀୟ । ବିଦେଶରୁ ଲକ୍ଷଲକ୍ଷ ପର୍ଯାଟକ ପ୍ରତିବର୍ଷ ଆମ ଦେଶରେ ପରିଭ୍ରମଣରେ ଆସୁଛନ୍ତି । ନାନାଦିସ୍ଥାନ ଦର୍ଶନ କରି ଆନନ୍ଦଲାଭ କରୁଛନ୍ତି । ମାତ୍ର, ଦୁଃଖର କଥା ଆମ ଦେଶବାସୀ ଏହାର ଗୁରୁତ୍ୱ ଅନୁଭବ କରିପାରିନାହାନ୍ତି । ପର୍ଯ୍ୟଟନକୁ ଯେ ଶିଳ୍ପର ମାନ୍ୟତା ଦିଆଯାଇପାରେ, ଏ କଥା ଗ୍ରହଣ କରିବାକୁ ଅନେକ ପ୍ରସ୍ତୁତ ନାହାନ୍ତି । ନିଜ ସ୍ଥାନର ମହତ୍ତ୍ୱକୁ ଏଡ଼ାଇ ସେମାନେ ବିଦେଶ ବୁଲିଯାଉଛନ୍ତି । ଏହାକୁ ହୁଁ କହନ୍ତି ବିଚିତ୍ର ! ବିଦେଶୀମାନେ ଆମ ଦେଶରେ ତ ଆମେମାନେ ବିଦେଶରେ । ‘ବସଧୈବ କୁଟୁମ୍ବକମ୍’ ଦୃଷ୍ଟିରୁ ଏହା ଠିକ୍ ମନେ ହୋଇପାରେ, ମାତ୍ର ଶିଳ୍ପଗତ ଦୃଷ୍ଟିକୌଣରୁ ଆଦୌ ଗ୍ରହଣୀୟ ନୁହେଁ । କହିବା ବାହୁଲ୍ୟ, ଏହାଦ୍ୱାରା ଆମେ ଦେଶର ବପୁଳ



Downloaded From : http://cbseportal.com/ Courtesy : CBSE

Downloaded From : http://cbseportal.com/

ଅର୍ଥ ବିଦେଶକୁ ଚାଲିଯାଉଛି ଓ ଆମର ଗୁରୁତର ଆର୍ଥିକ କ୍ଷତି ହେଉଛି । ଦର୍ଶନୀୟ ସ୍ଥାନ ଗୁଡ଼ିକ ବିଶ୍ୱ ମାନଚିତ୍ରରେ ଯେମିତି ମର୍ଯ୍ୟାଦା ଲାଭ କରିବା କଥା, କିରପାରୁନାହାନ୍ତି । ଭାରତବର୍ଷର ସଭ୍ୟତା ଅତ୍ୟନ୍ତ ପ୍ରାଚୀନ ହୋଇଥିବାରୁ, ଅନେକ ସ୍ଥାନରେ ଐତିହ୍ୟ ଓ ଐତିହାସିକ ଗୁରୁତ୍ୱ ରହିବା ସ୍ୱାଭାବିକ । ମାତ୍ର ଉପଯୁକ୍ତ ପ୍ରଚାର ଓ ପ୍ରସାର ଅଭାବରୁ ତଥା ଆନ୍ତରିକତାର ଅନୁପସ୍ଥିତି କାରଣରୁ ତାହା କ୍ରମଶଃ ଗୌଣ ହୋଇଯାଉଛି ।

(କ) ଆମ ଦେଶର ପ୍ରାକୃତିକ ଶୋଭା କିପରି ?
(ଖ) କେଉଁ ପ୍ରକାର ଆଚରଣକୁ ବିଚିତ୍ର ବୋଲି କୁହାଯାଉଛି ?
(ଗ) ଐତିହାପୂର୍ଣ୍ଣ ସ୍ଥାନଗୁଡ଼ିକ କ୍ରମଶଃ ଗୌଣ ହୋଇଯାଉଛନ୍ତି କିପରି ?
(ଘ) ଶିଳ୍ପଗତ ଦୃଷ୍ଟିରୁ କେଉଁ କଥା ଗ୍ରହଣୀୟ ନୁହେଁ ?
(ଙ) କେଉଁ ପ୍ରସଙ୍ଗ ଗ୍ରହଣ କରିବାକୁ ଅନେକ ଲୋକ ପ୍ରସ୍ତୁତ ନାହାନ୍ତି ?

## 'ଖ' ବିଭାଗ

2. ଯୋକୌଣସି **ଗୋଟିଏ** ବିଷୟରେ ରଚନା ଲେଖ : **10**
(କ) ଜାତୀୟ ସଂହତି
(ଖ) ଗଣମାଧ୍ୟମ ଓ ଦେଶର ବିକାଶ
(ଗ) ଆଣବିକ ଶକ୍ତିର ବ୍ୟବହାର

3. ସ୍ଥାନୀୟ ସମ୍ବାଦ ସବୁକୁ ଗୁରୁତ୍ୱ ନେଇ ପ୍ରକାଶନ କରିବା ନିମନ୍ତେ ଅନୁରୋଧ ଜଣାଇ କୌଣସି ଏକ ସମ୍ବାଦପତ୍ର ସଂପାଦକଙ୍କୁ ପତ୍ର ଲେଖ । **5**

**କିମ୍ବା**

'ଜଳସଂପଦର ସୁରକ୍ଷା' ଶୀର୍ଷକରେ ଲିଖିତ ତୁମର ଏକ ଲେଖା ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦପତ୍ରକୁ ସଂପାଦକଙ୍କୁ ପତ୍ର ଲେଖ ।
(ବି.ଦ୍ର. – ପ୍ରକୃତ ନାମ ଓ ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।)

## 'ଗ' ବିଭାଗ

4. (କ) ନିମ୍ନରେ ଦିଆଯାଇଥିବା ଇଂରାଜୀ ଅନୁଚ୍ଛେଦକୁ ଓଡ଼ିଆରେ ଅନୁବାଦ କର । **5**

Pandit Iswar Chandra Vidyasagar was born in 1820 A.D. his father's name was Thakurdas Bandopadhaya. Thakurdas was poor, yet he arranged for his son's education. Vidyasagar was very intelligent and never forgot what he once learnt. His teachers foresaw that he would one day become a great man of India.

(ଖ) ଲକ୍ଷଣ ସହ ଯେକୌଣସି **ଗୋଟିଏ** ଛନ୍ଦର ଉଦାହରଣ ଦିଅ : **5**

ବଙ୍ଗଳାଶ୍ରୀ, ରାମକେରୀ

(ଗ) ବାକ୍ୟ ରୂପାନ୍ତର କର : (ଯେକୌଣସି **5** ଟିର) **5**
(i) ଆଗ୍ରହ ନ ଥିଲେ ଆନନ୍ଦ ମିଳେ ନାହିଁ । (ବିଦୃତି ସୁଚକ)
(ii) ଝୁନୁର ନାଚ ମନୋମୁଗ୍ଧକର । (ବିସ୍ମୟ ସୂଚକ)
(iii) ଚାଣକ୍ୟଙ୍କ ନୀତିଶିକ୍ଷା ଅକାଟ୍ୟ । (ନାସ୍ତି ସୂଚକ)



Downloaded From : http://cbseportal.com/ Courtesy : CBSE

Downloaded From :http://cbseportal.com/

(iv) ଗାନ୍ଧିଜୀ ଭାରତବର୍ଷରେ ବେଶ୍ ପରିଚିତ । (ପ୍ରଶ୍ନ ସୂଚକ)

(v) ଅବାଟରେ ଯାଅ ନାହିଁ । (ବିବୃତି ସୂଚକ)

(vi) କୋରାପୁଟର ପ୍ରାକୃତିକ ଶୋଭା ଅନନ୍ୟ । (ବିସ୍ମୟ ସୂଚକ)

(vii) ସେ ଦିନ ଶ୍ରେୟା ନିରୁତ୍ତର ରହିଲେ । (ନାସ୍ତି ସୂଚକ)

## 'ଘ' ବିଭାଗ

5. ଜନତାର ସାମୂହିକ ଶିକ୍ଷା ପାଇଁ ମାତୃଭାଷାହିଁ ପ୍ରକୃତ ମାଧ୍ୟମ – ଉକ୍ତିର ସତ୍ୟତା ପ୍ରତିପାଦନ କର । **8**

**କିମ୍ବା**

ବିବେକାନନ୍ଦଙ୍କର ଭାରତ ପରିଭ୍ରମଣର ଉଦ୍ଦେଶ୍ୟ ଓ ପରିଣତି ଆଲୋଚନା କର ।

6. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି **ଗୋଟିକର**) **5**

(କ) କିନ୍ତୁ ଆମ ଦେଶରେ ଜ୍ଞାନଭଣ୍ଡାରଟା ଇଂରାଜିରେ ଥିବାରୁ କୋଟି କୋଟି ଜଣତା ଆଖି ଥାଉଁ ଥାଉଁ ଅନ୍ଧ ।

(ଖ) ଭୋକିଲା ଲୋକଙ୍କର ଦୁଃଖକୁ ନିଜ ଆଖିରେ ଦେଖି ତା'ଙ୍କ ହୃଦୟ ବିଗଳିତ ହେଲା ।

7. ସଂକ୍ଷେପରେ ଉତ୍ତର ଲେଖ : (୩ **ଟିର**) **3 × 2 = 6**

(କ) ଗଣତନ୍ତ୍ରର ମୂଳମନ୍ତ୍ର କହିଲେ କ'ଣ ବୁଝ ?

(ଖ) କେଉଁ ମାନଙ୍କୁ 'ରିଙ୍ଗ୍‌ଲିଡ଼ର୍' କୁହାଯାଉଥିଲା ?

(ଗ) ବିବେକାନନ୍ଦଙ୍କର ଅସଲ ଶକ୍ତି କ'ଣ ?

(ଘ) ମହାନ କର୍ମ କିଏ ସଂପାଦନ କରିଥାନ୍ତି ?

(ଙ) ସବୁଜ ଚେତନାର ପାଞ୍ଚଜଣ ପ୍ରମୁଖ ତରୁଣ ସାହିତ୍ୟିକ କିଏ ?

8. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ : **4 × 1 = 4**

(କ) ପୋଲାଣ୍ଡବାସୀଙ୍କ ମାତୃଭଷାର ନାମ କ'ଣ ?

(i) ପୋଲାଣ୍ଡିସ୍ (ii) ପୁଲିସ୍ (iii) ପୋଲିସ୍ (iv) ଇଂରାଜୀ

(ଖ) କେଉଁ ସ୍ଥାନରେ ବିବେକାନନ୍ଦ ସ୍ଥିର କରିଥିଲେ ଯେ ତା'ଙ୍କୁ ଦରିଆପାରି ଯିବାକୁ ପଡ଼ିବ ?

(i) ରାଜପୁତନା (ii) କନ୍ୟାକୁମାରୀ (iii) ବରାହନଗର (iv) ରାମକୃଷ୍ଣମଠ

(ଗ) 'ଉତ୍କଳ ସମ୍ମିଳନୀ' କିଏ ପ୍ରତିଷ୍ଠା କରିଥିଲେ ?

(i) ମଧୁସୂଧନ ରାଓ (ii) ଗୋପବନ୍ଧୁ ଦାସ

(iii) ଫକୀରମୋହନ ସେନାପତି (iv) ମଧୁସୂଧନ ଦାସ

(ଘ) କେଉଁ ପ୍ରସିଦ୍ଧ ଲେଖକ ବିଭିନ୍ନ ଗଡ଼ଜାତ ରାଜ୍ୟରେ ଦେୱାନ୍ ରୂପେ କାର୍ଯ୍ୟ କରିଥିଲେ ?

(i) ଗୋପବନ୍ଧୁ ଦାସ (ii) ଫକୀରମୋହନ ସେନାପତି

(iii) ହରେକୃଷ୍ଣ ମହତାବ (iv) ଗୋପାଳଚନ୍ଦ୍ର ପ୍ରହରାଜ

9. 'ମଙ୍ଗଳେ ଅଇଲା ଭଷା' କବିତାରୁ କବିଙ୍କର ପ୍ରାକୃତି ଚିତ୍ରଣର ବିଶେଷତ୍ୱ ଲେଖ । **7**

**କିମ୍ବା**

କବି ମାଟିମାଆର ଜୟଗାନରେ ଶତମୁଖ, ଏହାକୁ ପଠିତ କବିତା ଅନୁସରଣରେ ବର୍ଣ୍ଣନା କର ।



Downloaded From :http://cbseportal.com/ Courtesy : CBSE

Downloaded From : http://cbseportal.com/

10. ପ୍ରସଙ୍ଗ ସରଳାର୍ଥ ଲେଖ : **(ଗୋଟିକର)** **5**

(କ) ଭାଜି ପଡୁ ଆଜି ଅର୍ଗଳ ରାଜି
ଘେନ ବିଜୟର ମାଲା ।

(ଖ) ଭାଗ୍ୟବତୀ ମୋତେ ସଂସାରେ
ବୋଲିବେ ତୋ ଯୋଗୁଁ ଏହା ପରଶଂସାରେ ।

11. ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି **3** ଟିର) **3 × 2 = 6**

(କ) ସୀତାଙ୍କ ହୃଦୟ ଶୋକଜର୍ଜରିତ ହେବାର କାରଣ କ'ଣ ?

(ଖ) ବନ୍ଦନହରା କେଉଁ ମାନଙ୍କ ଉଦ୍ଦେଶ୍ୟରେ କୁହାଯାଉଛି ?

(ଗ) ବିଜୟର ମାଲା ଘେନିବା ପୂର୍ବରୁ କ'ଣ ହେଉ ବୋଲି କବି କହିଛନ୍ତି ?

(ଘ) ବଣପକ୍ଷୀର ଡାକ ଶୁଣି ଦେହରେ କି ଭାବ ସୃଷ୍ଟି ହୁଏ ?

(ଙ) କେଉଁ କର୍ମହେତୁ କବି ଏ ଦେଶକୁ ବୁଲିବାକୁ ଆସିଛନ୍ତି ?

12. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ : **4 × 1 = 4**

(କ) କବି ଭାଷାଙ୍କୁ କେଉଁ ରୂପରେ ବର୍ଣ୍ଣନା କରୁଛନ୍ତି ?
(i) ଅନୁକର୍ମା (ii) ଯୋଗେଶ୍ୱରୀ (iii) ବୈଦେହୀ (iv) ତମସା

(ଖ) କାହାର ଶଙ୍ଖଧ୍ୱନିରେ ଦୁଃଖଜ୍ୱାଳା ପ୍ରଶମିତ ହେବ ?
(i) ବନ୍ଦନହରା (ii) ତରୁଣକୁଳ (iii) ମହାମାନବ (iv) ରାଜନେତା

(ଗ) କ'ଣ ଲୁପ୍ତ ହେଉ ବୋଲି କବି କାମନା କରିଛନ୍ତି ?
(i) ଭୋକଜ୍ୱାଳା (ii) ଜାତି ଉପଜାତି (iii) ଅତୀତସ୍ମୃତି (iv) ଆଳସ୍ୟ

(ଘ) 'ସର୍ବଂସହା ମାଟି' କବିତାର କବି କିଏ ?
(i) କୁନ୍ତଳାକୁମାରୀ ସାବତ (ii) ଅନନ୍ତପଟ୍ଟନାୟକ
(iii) ସରଳା ଦେବୀ (iv) ବିଦ୍ୟୁତପ୍ରଭା ଦେବୀ

13. ସଂକ୍ଷେପରେ ଉତ୍ତର ଲେଖ : **(ଗୋଟିକର)** **5**

(କ) ରାଜନୀତିରେ ବ୍ରହ୍ମାସ୍ତ୍ର ହେଉଛି ଷଡ଼ଯନ୍ତ୍ର – ଏ କଥା କୁହାଯାଉଛି କାହିଁକି ?

(ଖ) ପ୍ରାଣୀଜଗତର ନିୟମ କ'ଣ ବୋଲି ଗଳ୍ପରେ କୁହାଯାଉଛି ?

(ଗ) 'ବାରଣ' ବଢ଼େଇରେ ଦାୟ' – ଏ କଥା କହି ଧରମା ଜାତି ପାଇଁ କି ବାର୍ତ୍ତା ପ୍ରଦାନ କରିଯାଇଛନ୍ତି ?

---



Downloaded From : http://cbseportal.com/ Courtesy : CBSE